ଶନିବାର, ୧୮ ଏପ୍ରିଲ, ୨୦୨୬

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



# ଆତ୍ମବଳ ପ୍ରକୃତ ବଳ



## ଗପ

ଦୁଇ ଭାଇ ଥିଲେ। ବଡ଼ ଭାଇ ଜଗୁନି। ସାନ ଭାଇ ଦୁଃଖୁନି। ଡାକୁ ଡାକୁ ଗେହ୍ଲାରେ ସାନକୁ ଦୁଃଖୁନି ଡାକନ୍ତି ସିନା, ତା' ନାଁ ଦୁଃଖୀଶ୍ୟାମ। ବଡ଼ ଭାଇ ନାଁ ଜଗନ୍ନାଥ। ବଡ଼ ଭାଇ ଅପେକ୍ଷା ସାନ ଭାଇ ଦୁଃଖୀଶ୍ୟାମ ଅନ୍ୟମାନଙ୍କ ଦୁଃଖ ବୁଝି ପାଖରେ ଠିଆ ହୁଏ। ଯେତିକି ପାରେ ସେତିକି ସହଯୋଗ କରେ। ବଡ଼ ଭାଇକୁ କୁହନ୍ତି ସମସ୍ତେ, ସାନ ସିନା ତା' କାମ କିନ୍ତୁ ବଡ଼। ଜଗନ୍ନାଥ ଶୁଣେ, ହସିଦିଏ। ନିଜ କାମରେ ଲାଗିଥାଏ। ନିଜ ବହିପତ୍ର, ପାଠପଢ଼ା, ନିଜ ପୋଷାକପତ୍ର, ଖାଦ୍ୟପେୟ, ବ୍ୟାୟାମ ସବୁକୁ ଧ୍ୟାନରେ ରଖି କାମ କରେ। ତେଣୁ ଭଲ ପାଠ ପଢ଼େ ଓ କ୍ଲାସରେ ପ୍ରଥମ ହୁଏ।

ଗୋଟିଏ ସାଇକେଲରେ ଦୁଇ ଭାଇ ସ୍କୁଲ ଯାଆନ୍ତି। ଗଲାବେଳେ ବଡ଼ ଭାଇ ଚଲେଇକି ନିଏ। ଆସିଲା ବେଳେ ସାନ ଭାଇ ସାଇକେଲ ଚଲାଇକି ଆସେ। ଥରେ ସ୍କୁଲରୁ ଫେରିବା ବାଟରେ ସାଇକେଲରେ ଭାରସାମ୍ୟ ରଖିହେଲାନି। ଦୁଇ ଭାଇ ସିଧା ଯାଇ ଗହୀର ଭିତରେ ପଡ଼ିଲେ। ଦୁଃଖୁନିର ଜଖମ ଅଧିକ ଥିଲା। ତାକୁ କଷ୍ଟ ହେଉଥିଲା। ଅଦିନିଆ ବର୍ଷାରେ ଗହୀର ଭିତରେ ପାଣି ଓ ପଙ୍କ। ସାଇକେଲ ଉଠେଇବାକୁ ବଳ ପାଉ ନ ଥିଲା କାହାର। ସାଙ୍ଗସାଥୀମାନେ ଛୁଟି ପରେ ଘରକୁ ଏତେ ଦ୍ରୁତ ଗତିରେ ଯାଉଥିଲେ ଯେ ଏମାନଙ୍କ ଅସୁବିଧା ବୋଧେ କାହା ଆଖିରେ ପଡ଼ିଲାନି।

ଜଗା ପଙ୍କରୁ ଉଠି ଦୁଃଖୁନିକୁ ଉଠେଇଲା। କଷ୍ଟ କରି ସାଇକେଲ ଗହୀର ଭିତରୁ ବାହାର କଲା। ସାଇକେଲର ହ୍ୟାଣ୍ଡଲ ବଙ୍କା ହୋଇଯାଇଥିଲା। ଚେନ୍ ସାରା ପଙ୍କ ଲାଗିଥିବାରୁ ସାଇକେଲ ଘର ଯାଏ ଗଡେଇନେବାକୁ ପଡିବ ବୋଲି ଜଗା ଜାଣିଲା। ଦୁଃଖୁନିକୁ ନିଜ ବ୍ୟାଗରୁ ପାଣି ବୋତଲ କାଢି ପିଇବାକୁ ଦେଲା ଏବଂ କହିଲା, 'ଏଇଠି ବସିଥା'। ଖଣ୍ଡିଆ ହୋଇଛି ତୋର ମୁହଁ, ଗୋଡ଼, ହାତ। ମୁଁ ଘରକୁ ଯାଇ ବାପାଙ୍କୁ ପଠେଇବି।' ଘରକୁ ଯାଇ ଜଗା ଖବର ଦେବାରୁ ବାପା ସ୍କୁଟର ଧରି ଦୁଃଖୁନିକୁ ପ୍ରଥମେ ହସ୍ପିଟାଲ ନେଲେ ପରେ ଘରକୁ।

ସନ୍ଧ୍ୟାରେ ଜଗା ଦୁଃଖୁନିକୁ କହିଲା, 'ଆତ୍ମବଳ ହିଁ ପ୍ରକୃତ ବଳ। ନିଜକୁ ଏତେ ମଜଭୁତ ରଖିବା ଯେମିତି ନିଜ କାମରେ ନିଜେ ପ୍ରଥମେ ଆସିବା। ସାହାଯ୍ୟ ସବୁବେଳେ ହଠାତ୍ ମିଳେ ନାହିଁ।'

**– ନିଷ୍ଠା ଦାଶ**
କ୍ଲାସ୍-୧୦, ପଞ୍ଚାୟତ ହାଇସ୍କୁଲ,
ବାଲିପୁଟ, ପୁରୀ

## ଖିଲି ଖିଲି ହସ


ଅଜୟ ବିଜୟ ମଧ୍ୟରେ କଥାବାର୍ତ୍ତା
ଅଜୟ: ସାଙ୍ଗ ଜାଣିଲୁ, ମୋତେ ଆଜିକାଲି ରାତିରେ ନିଦ ଠିକ୍ ସେ ହେଉନି। ଆଉ ତୋତେ ଠିକ୍ ସେ ନିଦ ହୁଏ ତ ?
ବିଜୟ: ହଁ, ମୁଁ ରାତିରେ ଏମିତି ଶୁଏ ଯେମିତି ଘୋଡା ବିକିଛି ।
ଅଜୟ: ତୁ କେତେଟା ଘୋଡ଼ା ବିକି ସାରିଲୁଣି ଏ ପର୍ଯ୍ୟନ୍ତ !

ରୋହନ: ପାଟିରେ କ'ଣ ଗୋଡ଼ ଅଛି ?
ମୋହନ : ନାହିଁ ତ !
ରୋହନ: ତେବେ, ମମି କେମିତି କୁହେ ତୋ ପାଟି ଦିନ ରାତି ଚାଲୁଛି !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଆରୱ ପାଣି



ପିଲାମାନେ ସୁସ୍ଥ ଶରୀର ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ଆବଶ୍ୟକତା ରହିଛି ଏକଥା ହୁଏତ ସମସ୍ତେ ଜାଣନ୍ତି। ଏଥିପାଇଁ କିଏ ପାଣିକୁ ଛାଣି ପିଅନ୍ତି ତ କିଏ ସିଝା ପାଣି ପିଅନ୍ତି। ଏବେ ଅନେକେ ଆର୍‌ଓ ଫର୍ମୁଲା ଥିବା ବିଭିନ୍ନ ପ୍ରକାରର ଫିଲ୍‌ଟର ମାଧ୍ୟମରେ ଜଳକୁ ବିଶୁଦ୍ଧ କରି ପିଉଛନ୍ତି। ହେଲେ ତୁମେ ଜାଣିଛ କି ଏହି ଫର୍ମୁଲାରେ ଫିଲ୍‌ଟର ହୋଇଥିବା ପାଣି ପିଇବା ସମସ୍ତଙ୍କ ପାଇଁ ଭଲ ହୋଇ ନ ପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ ଆର୍‌ଓ ଫର୍ମୁଲାରେ ବିଶୋଧନ ହେଉଥିବା ପାଣିରେ କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଭଳି ବିଭିନ୍ନ ପ୍ରକାର ମିନେରାଲ୍‌ର ମାତ୍ରା ବହୁତ କମ୍ ଥାଏ। ତେଣୁ ଯେଉଁ ଅଞ୍ଚଳରେ ପାଣି ବିଶୁଦ୍ଧ ଅଛି ସେଠାରେ ଆର୍‌ଓର ଆବଶ୍ୟକ ନ ଥାଏ। ଛୋଟ ପିଲା ଓ ବୟସ୍କ ଲୋକଙ୍କ ପାଇଁ ମିନେରାଲ୍ ପାଣି ଅଧିକ ଉପଯୋଗୀ। ଇମ୍ୟୁନିଟି କମ୍ ଥିବା ଲୋକଙ୍କ ପାଇଁ ମଧ୍ୟ ମିନେରାଲ୍ ଦରକାର ହୋଇଥାଏ। ତେଣୁ ସେମାନଙ୍କ ପାଇଁ ଆର୍‌ଓ ଦରକାର ନ ଥାଏ।

## ଘଡ଼ାଘଡ଼

▸▸ ପ୍ରିୟ କାର୍ଟୁନ୍‌ରେ 'ଡୋନାଲ୍ଡ ଡକ୍' ବିଷୟରେ ଅନେକ ନୂଆ ଜାଣିବାକୁ ପାଇଲି।
**–ସୋନମ୍ ସାହୁ, ରାଇରଙ୍ଗପୁର**

▸▸ ପ୍ରାଣୀମାନେ ବି ବୋକା ବନାଇଥାନ୍ତି ଏକଥା 'ଜଣା ଅଜଣା' ସ୍ତମ୍ଭରୁ ପଢି ଆଶ୍ଚର୍ଯ୍ୟ ଲାଗିଲା।
**– ତୋଫାନ୍ ଦାସ, ନାଲିବର, ଜଗତ୍‌ସିଂହପୁର**

▸▸ ସ୍କୁଲ ଖୋଲିବା ପରେ ପିଲାମାନେ କ'ଣ ସବୁ ଇଚ୍ଛା ରଖିଥିଲେ ତା' ନିହାତି ଅନ୍ୟ ପିଲାଙ୍କ ଲାଗି ପ୍ରେରଣା ସାଜିବ।
**–ମାନସୀ ସ୍ୱାଇଁ, କେନ୍ଦ୍ରାପଡ଼ା**


▸▸ କାଇଟ୍ ଶର୍ଫିଙ୍ଗ ପାଠଟି ଭଲ ଲାଗିଲା। ଜଣେ ୮୭ ବର୍ଷ ବୟସରେ କିପରି ଏପରି କାମ କରିପାରୁଛନ୍ତି ତାହା ଜାଣି ଆଶ୍ଚର୍ଯ୍ୟ ହେଲି।
**–ସାଇକ୍ରିଷ୍ଣା ରାଉତ, ନୟାଗଡ଼**

## ସୂଚନା

ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ଛବି ଦେଖି ଗପ ଲେଖ ଏବଂ ରଙ୍ଗ ଦିଅ ଏବଂ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।


**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ




## ତୁମ ପଢ଼ିବା ପାଇଁ

# ମୋ ଆଶା




ଏଥର ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା(ଏପ୍ରିଲ୍-ଜୁନ୍) ପ୍ରକାଶ ପାଇଛି। ପିଲାଙ୍କ ପାଇଁ ଏଥିରେ ଶ୍ରୀରାମଙ୍କ ଚରଣ ପାଦୁକା, ଗୁଣ୍ଡୁଚି ମୂଷା ପିଠିରେ ଗାର, ମକରଧ୍ୱଜ, ବେଣ୍ଟ ପୋଖରୀ, ଦୁଇଟା ଆମ୍ବରେ ଦୁଇଟି କୁଆଦୁଇ ଭାଇଙ୍କ କଥା, କୁମୁଦିନୀର ଚିତ୍କାର, ନୀଳ ନଈର ଲୁହ ଆଦି ଗପ ରହିଛି। ଏହା ବ୍ୟତୀତ କବିତା ବିଭାଗରେ ନାଆଁଟି ମୋର ଆଳୁ, ଆମ ପରିବାର, ଛତା, ବିଷୁବ ସଂକରାନ୍ତି, ବଗିଚାରେ ଫୁଲଟି ଆଦି ସ୍ଥାନ ପାଇଛି। ଏହା ବ୍ୟତୀତ କୁନି ପ୍ରତିଭା ସମ୍ପର୍କରେ ମଧ୍ୟ ପିଲାମାନେ ଜାଣିପାରିବେ।

*ଯୋଗାଯୋଗ– ଲିଟିଲ ଷ୍ଟାର ଗ୍ରୁପ, ପାଟପୁର, ନିମାପଡା, ପୁରୀ।*



ଛାତ୍ର ଜୀବନରେ ଶୃଙ୍ଖଳା ରହିବା ଦରକାର । ଏହି ଦୃଷ୍ଟିରୁ ସକାଳୁ ସଞ୍ଜ ଯାଏ ସେମାନେ ବାନ୍ଧି ହୋଇଥାନ୍ତି ଏକ ଅଲିଖିତ ନିୟମ ଭିତରେ । ହେଲେ ଆଜିର ଆଧୁନିକ ଲାଇଫ ଷ୍ଟାଇଲ୍‌ର ପ୍ରଭାବ ସେମାନଙ୍କୁ ବି କବଳିତ କରିବାରେ ଲାଗିଛି । କିନ୍ତୁ ଭବିଷ୍ୟତକୁ ସୁନ୍ଦର କରି ସଫଳତାର ମାର୍ଗରେ ଆଗକୁ ଯିବାକୁ ହେଲେ ପିଲାମାନେ ଭଲ ଅଭ୍ୟାସକୁ ଆପଣାଇବା ଦରକାର ।





# ସକାଳ ଅଭ୍ୟାସ

ସକାଳୁ ଆରମ୍ଭ ହୁଏ ଦିନଚର୍ଯ୍ୟା । ପିଲାମାନଙ୍କୁ ବି ସେମାନଙ୍କ ନିତ୍ୟକର୍ମ, ପାଠପଢା ଓ ଅନ୍ୟାନ୍ୟ ସବୁ କାମ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ କରିବାକୁ ପଡେ । କେଉଁ ସମୟରେ ଖାଇବା, କେତେବେଳେ ଶୋଇବା, ପଢ଼ିବା, ଖେଳିବା ଆଦି ସବୁ କାମ କରିବାକୁ ହେବ ସେସବୁ ପାଇଁ ଏକ ସମୟ ସ୍ଥିର ହୋଇଥାଏ । ହେଲେ ଆଜିକାଲି କେତେକଙ୍କର ଟାଇମ୍ ଟେବୁଲ ପୂରା ଓଲଟପାଲଟ । ଏମିତି କି ଯେଉଁ ସମୟରେ ଯାହା କରିବା କଥା ତାହା ନ କରି ନିଜର ସୁବିଧା ଅନୁସାରେ ସେମାନେ ସବୁ କାମ କରୁଛନ୍ତି । ଏଥିପାଇଁ ଏକ ଶୃଙ୍ଖଳିତ ଜୀବନରୁ ବାହାରି ପିଲାମାନେ ଭବିଷ୍ୟତ ପାଇଁ ଅନେକ ସମସ୍ୟାକୁ ନିମନ୍ତ୍ରଣ କରିଥାନ୍ତି । ତେଣୁ ଶୃଙ୍ଖଳିତ ଜୀବନ ସହ ସଫଳତା ନିମନ୍ତେ ପିଲାମାନେ ସକାଳୁ ଉଠିବା ପରେ କେଉଁ ଦିଗପ୍ରତି ସଚେତନ ରହିବା ଦରକାର ସେ ସମ୍ପର୍କରେ ଜାଣନ୍ତୁ ।

● ସକାଳୁ ଉଠିବା ପରେ ସଙ୍ଗେ ସଙ୍ଗେ କେତେକ ପିଲା ଫୋନ୍ ଖୋଲି ମେସେଜ୍ କିମ୍ବା ଅନ୍ୟ କିଛି ଦେଖିବା ଆରମ୍ଭ କରିଥାନ୍ତି । କିନ୍ତୁ ଏହା ଏକ ଖରାପ ଅଭ୍ୟାସ । ଏହି ଅଭ୍ୟାସ ଭବିଷ୍ୟତରେ ଅନେକଗୁଡିଏ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଦିନଚର୍ଯ୍ୟା ଆରମ୍ଭ କରିବା ସମୟରେ ପିଲାମାନେ ପ୍ରଥମେ ନିତ୍ୟକର୍ମ ଶେଷ କରି ଏକ ସକାରାତ୍ମକ ଢଙ୍ଗରେ ଦିନ ଆରମ୍ଭ କରନ୍ତୁ । ଅର୍ଥାତ୍ ସକାଳୁ କିଛି ଏକ୍ସରସାଇଜ୍ କିମ୍ବା ଯୋଗ ଆଦି କରିବା ସହିତ ବହି କିମ୍ବା ଖବରକାଗଜ ପଢାପଢି କରନ୍ତୁ ।

● କେତେକ ପିଲା ଅଳସୁଆ ସ୍ୱଭାବ ପାଇଁ ସକାଳୁ ଉଠିପାରନ୍ତି ନାହିଁ । ବହୁତ ସମୟ ଶୋଇବାକୁ ପସନ୍ଦ କରନ୍ତି । ଯଦି ସକାଳୁ ସ୍କୁଲ ଥାଏ ତେବେ ମାତ୍ର କିଛି ସମୟ ପୂର୍ବରୁ ହିଁ ଉଠନ୍ତି ଓ ସ୍କୁଲ ନିମନ୍ତେ ପ୍ରସ୍ତୁତ ହୋଇ ଯାଆନ୍ତି । କେତେକଙ୍କୁ ଖାଇକି ଯିବାକୁ ମଧ୍ୟ ସମୟ ନ ଥାଏ । ଏପରି ଅଭ୍ୟାସ ପାଇଁ ଦିନ ସାରା ଆଳସ୍ୟ ଭରି ରହିଥାଏ । ଏମିତି କି କ୍ଲାସ୍‌ରେ ମଧ୍ୟ ପାଠପଢାରେ ଭଲଭାବରେ ମନ ଲାଗି ନ ଥାଏ । ଏଭଳି ଅଭ୍ୟାସ କାରଣରୁ ଅଧିକାଂଶ ସମୟ ମୁଡ୍ ଖରାପ ରୁହେ ଓ ଫିଟ୍‌ନେସ୍ କମିଯାଏ । ତେଣୁ ଫିଟ୍‌ନେସ୍ ଠିକ୍ ରଖିବା ସହ ମନର ଏକାଗ୍ରତା ବୃଦ୍ଧି ନିମନ୍ତେ ସକାଳୁ ଉଠି କିଛି ସମୟ ଯୋଗାଭ୍ୟାସ କରନ୍ତୁ । ଏହା ସହିତ ନିୟମିତ ଅଭ୍ୟାସ କରି ହାଲୁକା ବ୍ୟାୟାମ କରନ୍ତୁ ।

● ପରିଷ୍କାର ପରିଚ୍ଛନ୍ନତା ଏକ ଭଲ ଅଭ୍ୟାସ । ତେଣୁ ସକାଳୁ ଉଠିଲେ ପ୍ରଥମେ ଏଥିପ୍ରତି ଦୃଷ୍ଟି ଦେବାକୁ ହେବ । ପିଲାମାନେ ସକାଳୁ ଉଠିଲେ ପ୍ରଥମେ ମୁହଁ ଧୋଇବା, ଦାନ୍ତ ଘଷିବା ଓ ସ୍ନାନ କରିବା ଦରକାର । ଏଭଳି ପରିଷ୍କାର ଓ ପରିଚ୍ଛନ୍ନତା ଗୁଣ ସବୁ ସମୟରେ ଦରକାର ହୋଇଥାଏ । ସ୍ୱଚ୍ଛତା ବିନା ସ୍ୱାସ୍ଥ୍ୟ ଖରାପ ହୋଇଥାଏ ଓ ମନ ଉପରେ ମଧ୍ୟ ପ୍ରଭାବ ପଡିଥାଏ । ଏହି ଅଭ୍ୟାସ ଆତ୍ମବିଶ୍ୱାସ ବଢ଼ାଇଥାଏ । ତେଣୁ ପିଲାମାନେ ସକାଳୁ ଉଠିଲେ ପ୍ରଥମେ ଏସବୁ କାମ କରନ୍ତୁ ।

● ସକାଳୁ ନିତ୍ୟକର୍ମ ସାରି ଜଳଖିଆ ଖାଇବା ପରେ ହିଁ ବାହାରକୁ ଯାଆନ୍ତୁ । ସକାଳୁ ଖାଦ୍ୟ ନ ଖାଇଲେ କିଛି ସମୟ ପରେ ଭୋକ ଲାଗିବ । ଯଦି କ୍ଲାସ୍‌ରେ ପାଠ ପଢୁଥିବେ ତା'ହେଲେ ପାଠରେ ଆଦୌ ମନ ରହିବ ନାହିଁ । କିଛି କରିବା ପାଇଁ ମଧ୍ୟ ଇଚ୍ଛା ହେବ ନାହିଁ । ଫଳରେ ଏକାଗ୍ରତା ନଷ୍ଟ ହେବ । ଏହା ବ୍ୟତୀତ ଖାଲିପେଟରେ ବେଶି ସମୟ ରହିବା ଫଳରେ ସ୍ୱାସ୍ଥ୍ୟ ଖରାପ ହେବ ।

● ପିଲାମାନଙ୍କୁ ଟାଇମ୍ ମ୍ୟାନେଜମେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । ଏଥିପାଇଁ ସକାଳୁ ଉଠିବା ପରେ କଣ କରିବେ ଏକ ରୁଟିନ୍ କରନ୍ତୁ । ଯଦି ସକାଳୁ ରାତି ପର୍ଯ୍ୟନ୍ତ ଯେଉଁ ସମୟରେ ଯାହା କରିବା କଥା ନିଜ ସମୟ ହିସାବରେ ସେପରି କରିବେ ତା'ହେଲେ କୌଣସି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେବ ନାହିଁ । ଭବିଷ୍ୟତରେ ଲକ୍ଷ୍ୟ ହାସଲ କରି ସଫଳତା ପାଇବା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।





## ଏମାନେ କ'ଣ କରନ୍ତି



### ସବୁ କାମକୁ ଗୁରୁତ୍ୱ ଦିଏ

ସକାଳୁ ଉଠିଲେ ପ୍ରଥମେ ଭୂମି ପ୍ରଣାମ କରି ମୁହଁ ଧୁଏ । ତା'ପରେ ବ୍ରଶ କରି ଗାଧୋଇବାକୁ ଯାଏ । ସବୁଦିନ ଏଇ ରୁଟିନ୍ ଅନୁସାରେ କାମ କରେ । କିନ୍ତୁ ଦିନେ ଦିନେ ଯଦି ମାମା ଡାକି ନ ଥାଏ ତେବେ ମୋର ଉଠିବା ଡେରି ହୋଇଯାଏ । ଯେଉଁଦିନ ଡେରିରେ ଉଠେ ଶୀଘ୍ର ଶୀଘ୍ର କାମ ସାରିବାକୁ ଚେଷ୍ଟା କରେ । ଏସବୁ ନିତ୍ୟକର୍ମ ଶେଷ ନ କରିବା ପର୍ଯ୍ୟନ୍ତ ମାମା ବି ବାରମ୍ବାର କହୁଥିବ । ତା'ପରେ ଖିଆପିଆ ସାରି କିଛି ସମୟ ପଢେ । ସେଇ ସମୟରେ ଟିକେ ଫୋନ୍ ଚେକ୍ କରେ । ଯଦି ଗ୍ରୁପ୍‌ରେ କିଛି ମେସେଜ୍ ଆସିଥାଏ ତା'ହେଲେ ସାଙ୍ଗମାନଙ୍କ ସହ କଥା ହୁଏ ।

**– ଆନସି ପଟ୍ଟନାୟକ**
କ୍ଲାସ–୮, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର



### ମେସେଜ୍ ଦେଖେ

ଫୋନ୍‌ରେ ମୋର ବହୁତ ପାଠ ଆସେ । ତେଣୁ ସକାଳୁ ଉଠିଲେ ପ୍ରଥମେ ଫୋନ୍ ଚେକ୍ କରେ । ଏଥିପାଇଁ ମାମା ବହୁତ ରାଗେ । କିନ୍ତୁ ଆମର ପ୍ରତିଦିନ ଗ୍ରୁପ୍‌ରେ ମେସେଜ୍ ଆସୁଥିବାରୁ କ'ଣ ସୂଚନା ଥିବ ଭାବି ଆଗ ଚେକ୍ କରିନିଏ । ହେଲେ ବେଶି ସମୟ ଦେଖେନି । ଯଦିଓ ସ୍କୁଲ ଯିବା ପୂର୍ବରୁ ମାମା ଫୋନ୍‌ରେ ଏସବୁ ଦେଖିନିଏ ତଥାପି କିଛି ଯେପରି ମିସ୍ ନ ହୋଇଯିବ ସେଥିପାଇଁ ସବୁ କାମ ସାରି ପଢ଼ିବାବେଳେ ଫୋନ୍ ଦେଖେ ନ ହେଲେ ସାଙ୍ଗମାନଙ୍କ ସହ କଥା ହୋଇ ବୁଝିନିଏ । ଫୋନ୍‌ରେ ଆସୁଥିବା ପାଠ ଅଭ୍ୟାସ କରିବା ପାଇଁ ବହୁତ ଦରକାର ହୁଏ ।

**– ମହେଶ ରଞ୍ଜନ ମଲ୍ଲିକ**
କ୍ଲାସ୍– ୭, କେ. ସି. ନୋଡାଲ ହାଇସ୍କୁଲ, ଚୂଡାମଣି ଭଦ୍ରକ



### ରୁଟିନ୍ ଅନୁସାରେ କାମ କରେ

ଘରେ ସବୁକାମ ରୁଟିନ୍ ଅନୁସାରେ କରେ । ଛୋଟବେଳରୁ ମାମା ଏହି ଅଭ୍ୟାସ ଶିଖାଇଛନ୍ତି । ସେଥିପାଇଁ ସକାଳୁ ଉଠିବା ପରଠୁ ବିଛଣା ସଜାଡ଼ିବା, ନିତ୍ୟକର୍ମ କରିବା ସବୁ ଠିକ୍ ସମୟରେ କରେ । ଅବଶ୍ୟ ଛୁଟି ଦିନରେ ଟିକେ ଅଧିକ ସମୟ ଶୋଇପଡେ । ହେଲେ ଉଠିବା ପରେ ସବୁ କାମ ଜଲ୍‌ଦି କରିଦିଏ ।

**– ସ୍ୱରାଜ କୁମାର ଜେନା**
କ୍ଲାସ୍– ୮, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର

## ଆଶ୍ଚର୍ଯ୍ୟ କଥା


# ଧଳା ରଙ୍ଗ ଥିଲା ଲାଲ୍‌କିଲ୍ଲା

ନୂଆଦିଲ୍ଲୀରେ ଥିବା ପ୍ରସିଦ୍ଧ ଐତିହାସିକ ସ୍ଥାପତ୍ୟ ତଥା ଆମ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ଲାଲ୍‌କିଲ୍ଲା। ୧୬୩୯ରେ ମୋଗଲ ସମ୍ରାଟ୍ ଶାହାଜାହାନ ନିଜ ସାମ୍ରାଜ୍ୟର ରାଜଧାନୀ ଆଗ୍ରାଠାରୁ ଦିଲୀକୁ ସ୍ଥାନାନ୍ତରିତ କରିବା ଲାଗି ଏହାର ନିର୍ମାଣ କରାଇଥିଲେ। ତାଜମହଲର ବାସ୍ତୁକାର ଉସ୍ତାଦ ଅହମଦ୍ ଲାହୋରୀ ଏହାର ଡିଜାଇନ୍ କରିଥିଲେ। ପ୍ରଥମେ ଏହାକୁ କିଲ୍ଲା-ଏ-ମୁବାରକ୍, କିଲ୍ଲା-ଏ- ଶାହାଜାନାବାଦ୍, କିଲ୍ଲା-ଏ-ମୁଆଲା ଆଦି ମଧ୍ୟ କୁହାଯାଉଥିଲା। ରଙ୍ଗ ଲାଲ୍ ହୋଇଥିବାରୁ ଏହାକୁ ଏପରି ନାମିତ କରାଯାଇଛି ସେକଥା ସମସ୍ତେ ଭାବନ୍ତି। ହେଲେ ପିଲାମାନେ ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ପ୍ରଥମେ ଏହା ଧଳାରଙ୍ଗର ମାର୍ବଲ ପଥରରେ ନିର୍ମାଣ କରାଯାଇଥିଲା ଏବଂ ନଷ୍ଟ ନ ହେବା ଲାଗି ଧଳା ଚୂନ ରଙ୍ଗ ଦିଆଯାଇଥିଲା। କେବଳ ଏହାର ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ପାଚେରି ଲାଲ୍ ପଥରରେ ନିର୍ମାଣ କରାଯାଇଥିଲା। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ମୋଗଲ ଶାସକମାନେ ଏଠାରେ ରହିବା ପରେ ୧୮୫୭ କ୍ରାନ୍ତି ପରେ ବ୍ରିଟିଶ୍‌ମାନେ ଏହାକୁ ଅଧିକାର କରିନେଇ ଏହା ଏହାର ଅଧିକ ଭାଗ ଭାଙ୍ଗି ମଧ୍ୟ ଦେଇଥିଲେ। ପୂର୍ବର୍ନାର ସେନାଛାଉଣୀ ନିମନ୍ତେ ବ୍ୟବହାର କରିବା ଲାଗି ଏହାକୁ ସଜାଡିବା ସହ ସମ୍ପୂର୍ଣ୍ଣ ଲାଲ୍ ରଙ୍ଗ କରିଦେଥିଲେ ଏବଂ ରେଡ୍ ଫୋର୍ଟ ବୋଲି ନାମକରଣ କରିଥିଲେ। ସେବେଠୁ ଏହାର ନାମ ଲାଲ୍‌କିଲ୍ଲା ଭାବେ ଚଳି ଆସୁଛି। ତେବେ ବ୍ରିଟିଶ୍‌ଙ୍କ କବଳରୁ ଆମ ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେହିଠାରେ ହିଁ ପତାକା ଉତ୍ତୋଳନ ହୋଇ ଆସୁଅଛି।



## ପ୍ରିୟ କାର୍ଟୁନ୍

# ଆଇରନ୍ ମ୍ୟାନ୍



ସୁପରହିରୋ କାର୍ଟୁନ୍ ଦେଖିବାକୁ ପିଲାମାନଙ୍କ ମନରେ ସବୁବେଳେ ଉତ୍କଣ୍ଠା ଭରି ରହିଥାଏ। ଏମିତିକି ଆଇରନ୍ ମ୍ୟାନ୍ ସ୍ପେଶିଆଲ୍ ଡ୍ରେସ୍ 'ଆର୍ମର ସୁଟ୍' ଭଳି କଷ୍ଟ୍ୟୁମ୍ ବି କେହି କେହି ଫ୍ୟାନ୍ସିଡ୍ରେସ୍ କମ୍ପିଟିଶନ୍‌ରେ ପିନ୍ଧି ବି ଥିବେ ନିଶ୍ଚୟ। ତେବେ ପିଲାମାନେ ତୁମେ ଜାଣିଛକି ଏହି ଲୋକପ୍ରିୟ କ୍ୟାରେକ୍ଟର ଆଇରନ୍‌ମ୍ୟାନ ସର୍ବପ୍ରଥମେ ୧୯୬୩ ମସିହାରେ 'ଟେଲ୍‌ସ ଅଫ୍ ସସ୍‌ପେନ୍ସ-୩୯'ରେ ପ୍ରଥମେ ଦେଖାଯାଇଥିଲା। ପ୍ରସିଦ୍ଧ ଲେଖକ ଷ୍ଟାନ୍ ଲୀ ଏହାକୁ ପ୍ରସ୍ତୁତ କରିଥିଲେ। ପରେ ମାର୍ଭେଲ କମିକ୍ସର ଆଭେଞ୍ଜର୍ସ ସୁପରହିରୋ ଟିମ୍‌ରେ ଥର୍, ଆଣ୍ଟମ୍ୟାନ୍, ୱାସ୍ପ, ହଲ୍କ ଭଳି ସୁପରହିରୋମାନଙ୍କ ସହ ଏହାକୁ ସାମିଲ କରାଯାଇଥିଲା। ଅଧିକ ଲୋକପ୍ରିୟତା ମିଳିବାରୁ ଆଇରନ୍ ମ୍ୟାନ ଉପରେ ଟିଭି ସିରିଜ୍ ଏବଂ ଦି ଆଭେନ୍‌ଜରସ୍ ଫିଲ୍ମ ପ୍ରସ୍ତୁତ ହୋଇଥିଲା। ଏଥିରେ ମୁଖ୍ୟ ଚରିତ୍ର ଟୋନି ଷ୍ଟାର୍କଙ୍କୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି କାରଖାନା ଚଳାଉଥିବା ଜଣେ ବୁଦ୍ଧିମାନ ବୈଜ୍ଞାନିକ ଏବଂ ବିଜ୍‌ନେସ୍‌ମ୍ୟାନ ଭାବେ ଚିତ୍ରିତ କରାଯାଇଛି, ଯିଏ ଛଦ୍ମ ବେଶରେ ଆଇରନ୍ ମ୍ୟାନ ରୂପ ଧାରଣ କରିଥାନ୍ତି। ୨୦୦୮ରେ ଆଇରନ୍ ମ୍ୟାନ ଲାଇଭ୍ ଆକ୍ସନ ମୁଭିରେ ଏହି ଭୂମିକାରେ ରୋବର୍ଟ ଡାଉନୀଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ଦି ଇନ୍‌କ୍ରେଡିବଲ୍ ହଲ୍କ, ଆଇରନ୍ ମ୍ୟାନ ୨, ଦି ଆଭେଞ୍ଜର୍ସ, ଆଇରନ୍ ମ୍ୟାନ ୩, ଆଭେଞ୍ଜର୍ସ: ଏଜ୍ ଅଫ୍ ଅଲ୍‌ଟ୍ରନ୍, କ୍ୟାପ୍ଟେନ୍ ଆମେରିକା: ସିଭିଲ୍ ୱାର୍, ସ୍ପାଇଡର୍‌ମ୍ୟାନ୍: ହୋମ୍ କମିଙ୍ଗ୍, ଆଭେଞ୍ଜର୍ସ: ଇନ୍‌ଫିନିଟୀ ୱାର୍ ଭଳି ଫିଲ୍ମରେ ବି ଆଇରନ୍ ମ୍ୟାନ୍ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଲା।



# ସ୍କୁଲ୍ ବସ୍ ହଳଦିଆ କାହିଁକି ?

ସ୍କୁଲ୍ ବସ୍‌ଗୁଡିକର ରଙ୍ଗ ହଳଦିଆ। ହେଲେ ଏତେ ଗୁଡିଏ ରଙ୍ଗ ମଧ୍ୟରୁ ଏହି ରଙ୍ଗକୁ କାହିଁକି ବଛା ଯାଇଛି ? ଯଦି ତୁମମାନଙ୍କ ମନରେ ବି ଏହି ପ୍ରଶ୍ନ ଆସୁଛି ତେବେ ଜାଣି ରଖ ଏହା ପଛରେ ଥିବା ବୈଜ୍ଞାନିକ କାରଣ ସମ୍ପର୍କରେ...

- ହଳଦିଆ ରଙ୍ଗ ଏକମାତ୍ର ଏମିତି ରଙ୍ଗ ଯାହାକି ଅଳ୍ପ ଆଲୋକ ଏମିତିକି ବର୍ଷା ଏବଂ କୁହୁଡ଼ିରେ ବି ଦୂରରୁ ଦେଖାଯାଇଥାଏ।
- ଯଦିଓ ଲାଲ୍ ରଙ୍ଗର ୱେଭ୍‌ଲେନ୍ଥ ବା ତରଙ୍ଗଦୈର୍ଘ୍ୟ ସବୁ ରଙ୍ଗଠାରୁ ଅଧିକ ହୋଇଥିବାରୁ ସହଜରେ ଦେଖାଯାଇଥାଏ, ହେଲେ ମଣିଷ ପାର୍ଶ୍ୱ ଦୃଷ୍ଟିରେ ବା ପେରିଫେରାଲ୍ ଭିଜନ୍‌ରେ ହଳଦିଆ ରଙ୍ଗ ଲାଲ୍ ରଙ୍ଗ ତୁଳନାରେ ୧.୨୪ ଗୁଣ ଅଧିକ ଶୀଘ୍ର ଏବଂ ସ୍ପଷ୍ଟ ଦେଖାଯାଉଥିବାରୁ ଅନ୍ୟ ଚାଳକଙ୍କୁ ସ୍କୁଲ୍ ବସ୍ ଚିହ୍ନିବା ସହଜ ହୋଇଥାଏ।
- ହଳଦିଆ ରଙ୍ଗ ଉପରେ କଳାରେ ସ୍କୁଲ୍ ବସ୍ ଏବଂ ସ୍କୁଲ୍‌ର ନାମ ଆଦି ଲେଖିଯିବା ଦ୍ୱାରା ହାଇ କଣ୍ଟ୍ରାଷ୍ଟ କଲର ପାଇଁ ଏହା ଦୂରରୁ ବି ସହଜରେ ପଢିହୁଏ। ତେଣୁ ଏହିସବୁ କାରଣକୁ ଆଖିଆଗରେ ରଖି ଦୁର୍ଘଟଣାରୁ ବର୍ଞ୍ଚିବା ପାଇଁ ମୁଖ୍ୟତଃ ସ୍କୁଲ୍ ବସ୍‌ଗୁଡ଼ିକୁ ହଳଦିଆ ରଙ୍ଗ ଦିଆଯାଇଥାଏ।
- ଏହି ହଳଦିଆ ସ୍କୁଲ୍ ବସ୍‌ର ଜନକ ହେଉଛନ୍ତି ଡଃ ଫ୍ରାଙ୍କ୍ ସାଇର୍। ସେ ୧୯୩୯ ମସିହାରେ ଆମେରିକାରେ ପ୍ରଥମଥର ପାଇଁ ସୁରକ୍ଷା ଦୃଷ୍ଟିରୁ ହଳଦିଆ ରଙ୍ଗର ସ୍କୁଲ୍ ବସ୍ ସେବା କାର୍ଯ୍ୟକାରୀ କରାଇଥିଲେ।

# ପୃଥିବୀର କ୍ଷୁଦ୍ରତମ

**ପକ୍ଷୀ:** ପୃଥିବୀର ସବୁଠୁ କ୍ଷୁଦ୍ରତମ ପକ୍ଷୀ ହେଉଛି ବି ହମିଙ୍ଗ୍‌ବାର୍ଡ। ଏହାର ମାଇ ପକ୍ଷୀର ଲମ୍ବା ମାତ୍ର ୬.୧ ସେମି. ଏବଂ ଓଜନ ୨.୬ଗ୍ରାମ୍ ହୋଇଥିବା ବେଳେ ପୁରୁଷ ପକ୍ଷୀ ସାମାନ୍ୟ ଛୋଟ ଅର୍ଥାତ୍ ଲମ୍ବା ୫.୫ ସେମି. ଏବଂ ଓଜନ ୧.୯୫ଗ୍ରାମ୍। ଏହି ପକ୍ଷୀର ନିଶ୍ୱାସ- ପ୍ରଶ୍ୱାସର ଗତି ସମସ୍ତ ପ୍ରାଣୀ ଜଗତରେ ସବୁଠୁ ତୀବ୍ର। କାରଣ ଏହା ଉଡିବା ବେଳେ ଏକ ମିନିଟ୍‌ରେ ୨୫୦ ଥର ଶ୍ୱାସକ୍ରିୟା କରିଥାଏ। ଏହି ପକ୍ଷୀ ମୁଖ୍ୟତଃ କ୍ୟୁବା ଠାରେ ଦେଖିବାକୁ ମିଳିଥାଏ।



**ମାଙ୍କଡ:** ଦକ୍ଷିଣ ଆମେରିକାର ବ୍ରାଜିଲ୍, କଲମ୍ବିଆ, ଇକ୍ୱାଡର, ପେରୁ ଏବଂ ବୋଲିଭିଆରେ ପୃଥିବୀର କ୍ଷୁଦ୍ରତମ ମାଙ୍କଡ ପ୍ରଜାତି ପିଗ୍‌ମୀ ମାର୍ମୋସେଟ୍ସ ଦେଖାଯାଆନ୍ତି। ଏହି ମାଙ୍କଡର ଲମ୍ବା ମାତ୍ର ୪.୬ରୁ ୬ଇଞ୍ଚ ପର୍ଯ୍ୟନ୍ତ ହୋଇଥିବା ବେଳେ ଓଜନ ମାତ୍ର ୧୦୦ଗ୍ରାମ। ଏତେ ଛୋଟ ଯେ ମଣିଷର ଗୋଟିଏ ଆଙ୍ଗୁଠିକୁ ଧରି ସହଜରେ ରହିଯାଇ ପାରୁଥିବାରୁ ଏହାକୁ ଫିଙ୍ଗର ମଙ୍କି ବୋଲି ମଧ୍ୟ କୁହାଯାଇଥାଏ।




**ବେଙ୍ଗ:** ପାପୁଆ ନ୍ୟୁ ଗିନୀର ରେନ୍‌ଫରେଷ୍ଟରେ ବିଶେଷ କରି ସେଠାରେ ଥିବା ଆମାଉ ଗ୍ରାମରେ ଦେଖାଯାଆନ୍ତି ପୃଥିବୀର ସବୁଠୁ କ୍ଷୁଦ୍ର ବେଙ୍ଗ ପ୍ରଜାତି। ସେହି ଗ୍ରାମର ନାମ ଅନୁଯାୟୀ ଏହାର ନାମ ପିଡୋଫ୍ରାଇନ୍ ଆମାଉଏନ୍ସିସ୍ ରଖାଯାଇଛି। ଏହି ବେଙ୍ଗର ଲମ୍ବା ମାତ୍ର ୭.୭ ମିଲିମିଟର।



**ସୂଚନା:** ଏହି ପୃଷ୍ଠାରେ ଦିଆଯାଇଥିବା ମ୍ୟାଥ୍ ପଜଲ୍‌ର ଉତ୍ତର ଓ ବିନ୍ଦୁ ଯୋଡ଼ି ରଙ୍ଗ କରି ଆମ ପାଖକୁ ପଠାନ୍ତୁ। ଠିକ୍ ଉତ୍ତର ଦେଇଥିବା ବିଜେତାଙ୍କ ନାମ, ଠିକଣା ଓ ଫଟୋ ଆଗାମୀ ସପ୍ତାହରେ ପ୍ରକାଶ ପାଇବ। ଆମ ଠିକଣା-dharitrifeature@gmail.com

# ମ୍ୟାଥ୍ ପଜଲ୍

## ଏଥରର ପ୍ରଶ୍ନ





### ଗତ ସପ୍ତାହର ଉତ୍ତର- ୨୦

ଉତ୍ତରଦାତା- ଦ୍ୱିଜେଶ୍ ଦୌସିକ୍ ଦାଶ, କ୍ଲାସ୍-୬, କେନ୍ଦ୍ରିୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର




# ବିନ୍ଦୁ ଯୋଡ଼



### ଗତ ଥରର ବିଜେତା



ସ୍ୱସ୍ତିକ୍ ପ୍ରିୟାଂଶ ସାହୁ, କ୍ଲାସ୍- ୩, ଇନୋଭେଶନ୍ ଗୁରୁକୂଳ ସ୍କୁଲ୍, ହଳଦିଆ, ଖୋର୍ଦ୍ଧା



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ପିଲାମାନେ ତୁମେ ଜାଣିଛ, ମଣିଷଙ୍କ ଭଳି ପ୍ରାଣୀମାନେ ବି ଗିନିଜ୍ ରେକର୍ଡ କରିପାରନ୍ତି! ଏଭଳି ଏକ ସ୍ୱତନ୍ତ୍ରତା ହାସଲ କରିଛି ଆମେରିକାର ଏକ ଷଣ୍ଢ, ଯାହାର ନାଁ ହେଉଛି ହେଇକେନ୍ସ ଆର୍କ ଜୁପିଟର (ହମ୍ଫେରୀ)। ବିଶ୍ୱର ସବୁଠୁ କମ୍ ଉଚ୍ଚତାର ଷଣ୍ଢ ଭାବରେ ଗିନିଜ୍ ରେକର୍ଡ କରିପାରିଛି

# ସବୁଠୁ ଛୋଟ ଷଣ୍ଢ



ଏହି ଷଣ୍ଢ ହମ୍ଫେରୀ। ଆମେରିକା ଲୋୱାର କଲୋନା ଭେଟେରିନାରି କ୍ଲିନିକ୍‌ରେ ତା'ର ଉଚ୍ଚତା ମାପ କରାଯାଇଥିଲା। ଲୋୱାର ଲାଇମ୍ କ୍ରିକ୍ ଫାର୍ମରେ ସେ ରହେ। ଜେବୁ ପ୍ରଜାତିର ଏହି ଷଣ୍ଢଟି ୨୦୧୭ରେ ନିଲାମ ହେବା ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏତେ କମ୍ ଉଚ୍ଚତାର ହୋଇଥିବାରୁ ଏହାକୁ ଏକ ବାଛୁରୀ ବୋଲି ପ୍ରଥମେ ସମସ୍ତେ ଭାବିଥିଲେ। ମାତ୍ର ସେତେବେଳକୁ ହମ୍ଫେରୀ ୨ ବର୍ଷର ଏକ ପରିପକ୍ୱ ଷଣ୍ଢ ହୋଇ ସାରିଥିଲା। ତା'ର ଉଚ୍ଚତା ମାତ୍ର ୬୭.୬ ସେଣ୍ଟିମିଟର। ତେବେ ଏକ ଡୋବରମ୍ୟାନ୍ ପ୍ରଜାତି କୁକୁରର ଉଚ୍ଚତା ଭଳି ହମ୍ଫେରୀର ଉଚ୍ଚତା ପ୍ରାୟ ସମାନ। ଅର୍ଥାତ୍ ଏକ ଷଣ୍ଢ ହୋଇଥିଲେ ବି ଏକ କୁକୁର ଉଚ୍ଚତା ଭଳି ଦେଖାଯାଉଥିବାରୁ ହମ୍ଫେରୀ ସ୍ୱତନ୍ତ୍ରତା ହାସଲ କରିପାରିଛି। ହେଲେ ଘାସ ଖାଇବା କି ଅନ୍ୟ ଶସ୍ୟ ଖାଇବା ଆଦି ବିଭିନ୍ନ ଗୁଣରେ ସେ ଅନ୍ୟ ଷଣ୍ଢଙ୍କ ଭଳି ସମାନ।



## କ ବି ତା

### ଆସିଗଲା ଖରାଦିନ

ଖରାଦିନେ ଖରା କାଟୁଛି ଭାରି,
ଗରମରେ ସର୍ବେ ହୁଅନ୍ତି ଘାରି।
ଗଛଲତା ସାଥେ ଶସ୍ୟକିଆରି,
ହଜିଯାଏ ତାଙ୍କ ସବୁଜ ଶିରୀ।
ଝାଳ ସରସର ଦେହକୁ ଧରି,
ବରଷାକୁ ସର୍ବେ ହୁଅନ୍ତି ଝୁରି।
ଖରା ଗରମକୁ ସହି ନ ପାରି,
ବାହାରନ୍ତି କିଏ ଛତାଟି ଧରି।
ଘରେ ଥାଏ କିଏ ପଙ୍ଖା ଲଗାଇ,
କିଏ ଖଟୁଥାଏ ବାହାରେ ଯାଇ।
ମିଠା ବେଲପଣା ଥଣ୍ଡା ସର୍ବତ,
ଲୋଡାହୁଏ ଦହି ପଖାଳଭାତ।
କେତେ ପର୍ବଯାତ୍ରା ଖରାଦିନରେ,
ପାଳୁଥାନ୍ତି ସର୍ବେ ଖୁସିମନରେ।
ବଇଶାଖ ଜ୍ୟେଷ୍ଠ ଗ୍ରୀଷ୍ମକାଳ,
ବରଷା ଆସିଲେ ସରେ ତା'ଖେଳ।

**– ଅଂଶୁମାନ ରଥ**
କ୍ଲାସ୍–୭, ଡିଏଭି ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

### ଅଖି ମୁଠି ଅନୁକୂଳ

ପହିଲି ବୈଶାଖ ଚନ୍ଦନ ଯାତ୍ରାରେ
ଝରିଲା ବରଷା ଧାର
ଅକ୍ଷୟ ତୃତୀୟାରେ ଅଖିମୁଠି ଧରି,
ମୁଠି ଅନୁକୂଳ କରେ
ମୁଠି ମୁଠି କରି ଛାଟିଦେ ବିହନ
କାଖରେ ଗଉଣି ଧରି
ହଳପାଳ ସାରି ଚାହିଁ ରହି ଥା
ଇନ୍ଦ୍ରକୁ ଭରସା କରି
ପହିଲି ଆଷାଢ଼େ ପହିଲି ଟୋପାରେ
ସୁନା ମାରିବ ତୋ ଗଜା
ବେହୁଡ଼ି ମାରିଣ ବାଲୁଙ୍ଗା ବାଛିଣ
ଅମାର ତୋହର ସଜା
ବିଲରେ ତୋହର ଲହଡ଼ି ମାରୁଛି
ସୁନା ଧାନ ପେଣ୍ଠା ପେଣ୍ଠା
ଲକ୍ଷ୍ମୀ ଠାକୁରାଣୀ ଘରକୁ ଆଣି ତୁ
ଖଳାକୁ ଝୋଟିରେ ସଜା
ମାଣ ଖଟୁଲିକୁ ଚିତାରେ ସଜାଇ
ମାଣରେ ସିନ୍ଦୂର ଦେଇ
ଧାନ ପାଞ୍ଚ କେଣ୍ଡା ସାଇତି ରଖିଥା,
ମା' ଲକ୍ଷ୍ମୀ ପାଦ ଧ୍ୟାୟୀ

**– ପୁଷ୍ପଲତା ସାହୁ,** ଝାରସୁଗୁଡା
ମୋ: ୮୬୫୮୩୨୧୯୭୧

### ପବିତ୍ର ଅକ୍ଷୟ ତୃତୀୟା

କୃଷି ଭିତ୍ତିକ ପରମ୍ପରା ଆମ
ଅକ୍ଷୟତୃତୀୟା ଆସୁଛି,
ଅନୁକୂଳ କରି ବିହନ ବୁଣିବ
ଚଷାଭାଇ ଦେଖ ହସୁଛି।
ବାପଅଜା ସତେଇଶି ପୁରୁଷର
ଐତିହ୍ୟକୁ ମନେରଖିଛି,
ବାରମାସେ ତେର ପରବ ପ୍ରଥାରେ
ଉତ୍କଳୀୟତାକୁ ପାଳୁଛି।
ଜାତି ମାନଦଣ୍ଡ ଦେଶ ମେରୁଦଣ୍ଡ
ଶକତ କରିକି ଧରିଛି,
ଜାତୀୟ ଉନ୍ନତି ଦେଶର ପ୍ରଗତି
କୃଷିକ୍ଷେତ୍ରରୁ ହିଁ ହେଉଛି।
ଦେଶସେବା ପାଇଁ ମହାନ ଅସ୍ତ୍ର ଯେ
ଲଙ୍ଗଳକୁ କାନ୍ଧେ ବୋହୁଛି,
ଅବହେଳାକୁ ସେ ଖାତିର ନକରି
ମାଟିମାଆ ପେଟ ଚିରୁଛି।
ଭଣ୍ଡାର ପୂରାଇ ଭରଣ ଭରଣ
ଶସ୍ୟ ସେ ଅମଳକରୁଛି,
ଜୟ ଜୱାନ ଜୟ କିଷାନର
କୋଟି ଦଣ୍ଡବତ ଲଭୁଛି।
ଝିଙ୍କାରି ଶବ୍ଦକୁ ଡାକରା ଭାବିକି
ମୁଠି ଅନୁକୂଳ ଧରିଛି,
କୃଷିର ପଦ୍ଧତି ବଦଳି ଗଲେ ବି
ଅସ୍ମିତା ବଜାୟ ରଖିଛି।


**– ଜୟଦେବ ବେହେରା**
ସୁବର୍ଣ୍ଣପୁର, ଗୋପ, ପୁରୀ
ମୋ: ୯୫୫୬୭୨୩୦୭୩

## ଏଥରର

- ଭାରତର ପ୍ରଥମ ମହିଳା ଆଇପିଏସ୍ ?
- ନୋବେଲ ପୁରସ୍କାର ପାଇଥିବା ଭାରତର ପ୍ରଥମ ମହିଳା ?
- ଭାରତର ପ୍ରଥମ ମହିଳା ଲୋକ ସଭା ବାଚସ୍ପତି ?
- ଭାରତର ପ୍ରଥମ ମହିଳା ଡାକ୍ତର ?
- ଭାରତ ରତ୍ନ ପାଇଥିବା ଭାରତର ପ୍ରଥମ ମହିଳା ?

## ଗତଥରର ଉତ୍ତର

- ପ୍ରତିଭା ପାଟିଲ
- ସୁଚେତା କୃପାଳିନୀ
- ସରୋଜିନୀ ନାଇଡୁ
- ମମତା ବାନାର୍ଜୀ
- ଆନ୍ନା ରାଜମ ମାଲହୋତ୍ରା



## କହିଲ ଦେଖି



ଏମିତି ମଣିଷ ଅଟଇ ସିଏ
ଅନ୍ୟ ପାଇଁ ଖାଦ୍ୟ ଯୋଗାଉଥାଏ
ମାନନ୍ତିନି ସିଏ ବରଷା ଖରା
ସକାଳରୁ ସଞ୍ଜ କ୍ଷେତରେ ଡେରା
କେବେ କୋଦାଳ କେବେ ଲଙ୍ଗଳ ଧରେ
ତାଙ୍କ ପାଇଁ ଅନ୍ୟର ପେଟଟି ଭରେ।
ସବୁଠୁ ମହାନ୍ ବ୍ୟକ୍ତିତ୍ୱ ସିଏ
ନାମଟି ତାଙ୍କର କହିବ କିଏ

ଉ– **କୃଷକ ଭାଇ**



ହାତରେ ପାଞ୍ଚଣ ମୁଣ୍ଡରେ ଠେକା
ଦୁଇ ବଳଦକୁ ସେ ମଣିଷ ଏକା
କାନ୍ଧରେ ତାହାର ଧରି ଲଙ୍ଗଳ
ବିଲକୁ ଯାଏ ସେ ହେଲେ ସକାଳ
କେତେ ଢଙ୍ଗରେ ଗୀତ ସେ ଗାଏ
ନାମଟି ତାହାର କହିବ କିଏ ?

ଉ– **ହଳୁଆ**



କୃଷିଭିତ୍ତିକ ପରବଟିଏ
କୃଷିକାର୍ଯ୍ୟ ଏ ଦିନୁ ଆରମ୍ଭ ହୁଏ
ବୈଶାଖ ଶୁକ୍ଳ ତୃତୀୟା ଦିନ
ଶୁଦ୍ଧି ଓ ସିଦ୍ଧିରେ ହୁଏ ପାଳନ
ଶୁଭ ଓ ପବିତ୍ର ଦିନଟି ଇଏ
ନାମଟି ତାହାର କହିବ କିଏ ?

ଉ– **ଅକ୍ଷୟତୃତୀୟା**



ଅକ୍ଷୟତୃତୀୟାର ପବିତ୍ରକଥା
ଶୁଦ୍ଧ ଟୋକେଇରେ ପକେଇ ଚିତା
ପ୍ରଥମ ବିହନ ସେଥିରେ ଭରି
ଚାଷୀଭାଇ ଯାଏ ବିଲକୁ ଧରି
ଅନୁକୂଳ କରି ବୁଣେ ବିହନ
ଖୁସିରେ ନାଚଇ ତାହାରି ମନ
ଯେଉଁ ପ୍ରଥମ ମୁଠା ବିହନ ନିଏ
ନାମଟି ତାହାର କହିବ କିଏ ?

ଉ– **ଅଖିମୁଠି**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫






## ଭାରତର ବୃହତ୍ତମ

# ରେଳ ଷ୍ଟେଶନ

ଗମନାଗମନ କ୍ଷେତ୍ରରେ ରେଳବାଇର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରାଚୀନ ଏହି ଯାତାୟାତ ତଥା ମାଲ ପରିବହନ ସେବା ଆମ ଦେଶରେ ଲୋକାଦୃତ ହୋଇପାରିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟ୍ରେନ୍, ରେଲୱେ ଷ୍ଟେଶନ ବ୍ୟତୀତ ଏଥିରେ ଅନେକ ପ୍ରକାର ସୁବିଧା ରେଳଯାତ୍ରୀମାନଙ୍କ ପାଇଁ ରହିଛି। ଆମ ଦେଶରେ ଅନେକ ରେଲୱେ ଷ୍ଟେଶନ ରହିଛି। ତେବେ ଭାରତରେ ସବୁଠରୁ ବୃହତ୍ତମ ରେଲୱେ ଷ୍ଟେଶନ କେଉଁଟି ଜାଣିଛ ? ଏହି ତାଲିକାରେ ସବୁଠାରୁ ଶୀର୍ଷ ସ୍ଥାନ ଅଧିକାର କରିଛି ପଶ୍ଚିମବଙ୍ଗର ହାୱଡା ରେଲୱେ ଷ୍ଟେଶନ। ଏଠାରେ ୨୩ଟି ପ୍ଲାଟଫର୍ମ ଏବଂ ୨୫ଟି ରେଲୱେ ଟ୍ରାକ୍ ରହିଛି। ଇଷ୍ଟ ଇଣ୍ଡିଆ ରେଲୱେ କମ୍ପାନୀ ଦ୍ୱାରା ନିର୍ମିତ ଏହି ଷ୍ଟେଶନଟି ୧୮୫୪ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ଉକ୍ତ ଷ୍ଟେସନ ମଧ୍ୟ ଦେଇ ପ୍ରତିଦିନ ପାଖାପାଖି ୬୦୦ ଟ୍ରେନ୍ ଯିବା ଆସିବା କରିଥାଏ। ଏହି ରେଲୱେ ଷ୍ଟେସନର ପରିସରଟି ପାଖାପାଖି ୭୦ ଏକରରୁ ଅଧିକ ହେବ। ଭାରତର ପ୍ରଥମ ରାଜଧାନୀ ଏକ୍ସପ୍ରେସ ଏହି ଷ୍ଟେସନରୁ ୧୯୬୯ରେ ପ୍ରଥମ ଥର ପାଇଁ ଗଡିଥିଲା। ପ୍ଲାଟଫର୍ମର କ୍ଷେତ୍ରଫଳ ହିସାବରେ ଏହା ଅନ୍ୟ ରେଲୱେ ଷ୍ଟେଶନ ଠାରୁ ବୃହତ୍ତମ ଭାବରେ ପରିଗଣିତ ହୋଇଥାଏ।

# ବୃହତ୍ତମ ବିମାନ ତିଆରି କାରଖାନା






ବିଶ୍ୱର ବୃହତ୍ତମ ବିମାନ ତିଆରି କାରଖାନା ଆମେରିକାର ୱାଶିଂଟନ୍‌ରେ ଅବସ୍ଥିତ। ଏହି କାରଖାନାର ଆକାର ଏତେ ବଡ ଯେ ସାଧାରଣ ମଣିଷଟିଏ ଏହାର କଳ୍ପନା ବି କରି ପାରିବନି। ବୋଇଙ୍ଗର ଏହି ପ୍ଲାଣ୍ଟ ପାଖାପାଖି ୯୮.୩ ଏକର ସ୍ଥାନରେ ପରିବ୍ୟାପ୍ତ। ଏହି ଫ୍ୟାକ୍ଟ୍ରୀର ଆକାର ଏତେ ବଡ ଯେ ଏହା ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଲାଗି କର୍ମଚାରୀମାନେ ସାଇକେଲ ବ୍ୟବହାର କରିଥାନ୍ତି। କାରଣ ଏହା ଭିତରେ ଚାଲି ଚାଲି ଯିବା ଅସମ୍ଭବ। ଏହି କମ୍ପାନୀରେ ୩୦ହଜାରରୁ ଅଧିକ କର୍ମଚାରୀ ଅଲଗା ଅଲଗା ନିର୍ମାଣ କାମରେ ନିୟୋଜିତ ହୋଇଛନ୍ତି। ଏଠାରେ କାମ କରିବା ଏତେ ସହଜ ହୋଇ ନ ଥାଏ। ଏଥିପାଇଁ ଅଧିକ ସମୟ ଏବଂ ପରିଶ୍ରମ କରିବାକୁ ମଧ୍ୟ ପଡିଥାଏ। ବିଶ୍ୱର ଏହି ବିଶାଳକାୟ ବିମାନ ଫ୍ୟାକ୍ଟ୍ରୀରେ ଏକକାଳୀନ ଗୋଟିଏ ନୁହେଁ ପାଖାପାଖି ସାତରୁ ଆଠଟି ବିମାନର କାମ ହୋଇଥାଏ।





# ଲୋହିତ ସାଗର

ବିଶ୍ୱରେ ଲୋହିତ ସାଗରକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। ଏହାର ନାମ ଅନୁସାରେ ହୁଏତ ଅନେକ ଭାବି ପାରନ୍ତି ଯେ ଏହାର ପାଣିର ରଙ୍ଗ ନାଲି। କିନ୍ତୁ ଉକ୍ତ ସାଗରର ପାଣିର ରଙ୍ଗ ହେଉଛି ନୀଳ। ହେଲେ ବେଳେବେଳେ ଏହା ନାଲି ରଙ୍ଗ ଧାରଣ କରିଥାଏ। ତେଣୁ ଏହାକୁ ରେଡ୍ ସି' ବା ଲୋହିତ ସାଗର ବୋଲି କୁହାଯାଏ। ଏହାର ନାମକରଣ ପଛରେ ବିଜ୍ଞାନସମ୍ମତ କାରଣ ମଧ୍ୟ ରହିଛି। ଏହି ସାଗର ହେଉଛି ପ୍ରକୃତିର ଏକ ଅଦ୍ଭୁତ ଦାନ। ବର୍ତ୍ତମାନ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିବା ହର୍ମୁଜ ପ୍ରଣାଳୀ ଏହି ସାଗର ଭିତରେ ଅବସ୍ଥିତ। ହେଲେ ଏକ ଜୀବ ପାଇଁ ବେଳେବେଳେ ଏହାର ରଙ୍ଗ ବଦଳି ଲାଲ ହୋଇଯାଏ। ଉକ୍ତ ଜୀବଟି ହେଲା 'ଟ୍ରାଇକୋଡେସ୍ମିୟମ୍ ଇରିଥ୍ରିୟମ୍'। ଏହା ଏକ ପ୍ରକାର ଶୈବାଳଜାତୀୟ ସାମୁଦ୍ରିକ ଜୀବ ଯାହା ଦେହରୁ ଫାଇକୋଏରିଥ୍ରୀନ୍ ନାମକ ଏକ ଉପାଦାନ ବାହାରିଥାଏ। ଯେତେବେଳେ ଏମାନେ ମରିଯିବା ପରେ ସମୁଦ୍ର ଉପରେ ଭାସିଥାଆନ୍ତି ଉକ୍ତ ଉପାଦାନ ଲାଲ୍ ରଙ୍ଗରେ ପରିଣତ ହୋଇଯାଏ, ତେଣୁ ସମୁଦ୍ର ପାଣି ଲାଲ୍ ଦେଖାଯାଏ। ଏସିଆ ଏବଂ ଆଫ୍ରିକା ମହାଦେଶ ମଧ୍ୟରେ ତଥା ଭାରତ ମହାସାଗରର ଏକ ଅଂଶ ହେଉଛି ଲୋହିତ ସାଗର। ଏହାର ଗଭୀରତା ହେଉଛି ୪୯୦ ମିଟର, ଦୈର୍ଘ୍ୟ ୨୨୫୦ କିମି ଏବଂ ଚଉଡା ପ୍ରାୟ ୩୫୫ କିମି। ଏହି ସାଗରରେ ପ୍ରାୟ ୧୦୦୦ ପ୍ରଜାତିର ସାମୁଦ୍ରିକ ଜୀବ ଦେଖିବାକୁ ମିଳିଥାଆନ୍ତି।

# ତୁମ ତୂଳୀରୁ
























୧ **ପ୍ରୀତିଶା ପାତ୍ର**
କ୍ଲାସ- ୧୨, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ



୨ **ଜୟେଶ ତ୍ରିପାଠୀ**
କ୍ଲାସ୍- ୩, ଓଡିଏମ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଅମଲାପଡା, ଅନୁଗୋଳ



୩ **ସ୍ୱସ୍ତିକ ସ୍ୱରୂପ ସେନାପତି**
କ୍ଲାସ- ୫, ଡ୍ରିମ୍ ଇଣ୍ଡିଆ ସ୍କୁଲ, କେନ୍ଦ୍ରାପଡ଼ା



୪ **ଅଥର୍ବ ପାତ୍ର**
କ୍ଲାସ-୫, କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଭୁବନେଶ୍ୱର



୫ **ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୩, ବିଜେଇଏମ୍-୧ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର



୬ **ଦୀପ୍ତିମୟୀ ହାଁସଦା**
କ୍ଲାସ- ୫, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ



୭ **ପ୍ରତ୍ୟୁଷ ପାତ୍ର**
କ୍ଲାସ- ୪, ଡ୍ରିମ୍ ଇଣ୍ଡିଆ ସ୍କୁଲ, ଭୁବନେଶ୍ୱର



୮ **ଶ୍ରାବଣୀ ସାହୁ**
କ୍ଲାସ- ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭିମଟାଙ୍ଗୀ, ଭୁବନେଶ୍ୱର



୯ **ଦେବହୂତି ବରଦାଲକ୍ଷ୍ମୀରାଉତ**
କ୍ଲାସ୍- ୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା



୧୦ **ଆରାଧ୍ୟା ପୃଷ୍ଟି**
କ୍ଲାସ୍- ୧୧, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର